## ରାସ୍ତା ଲାଗି ଭିତ୍ତିପ୍ରସ୍ତର ସ୍ଥାପନ

ଛତ୍ରପୁର,(ଡି.ଏନ୍.ଏ.): ଛତ୍ରପୁର ବ୍ଲକ ଟିକଲଖଣ୍ଡି ଗ୍ରାମଠାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ପାଇଁ ବିଧାୟକ ସୁବାସ ଚନ୍ଦ୍ର ବେହେରା ଭିତ୍ତିପ୍ରସ୍ତରସ୍ଥାପନ କରିଛନ୍ତି। ଟିକଲଖଣ୍ଡି ଠାରୁ ବାଳକୃଷ୍ଣପୁର ମଧରେ ୨କୋଟି ୩୩ ଲକ୍ଷ ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ ହେବ। ସେହିପରି ୧କୋଟି ୩୫ଲକ୍ଷ ବ୍ରୟ୍ ଅଟକଳରେ ରୁକୁଣିଗାଁ ଠାରୁ ସରଭିମପୁର ରାସ୍ତା ଲାଗି ମଧ ବିଧାୟକ ବେହେରା ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଏମ. ଧନଞ୍ଜୟ ରେଡ୍ଡୀ, ଉପାଧ୍ୟକ୍ଷା ଅମିତା ସାହୁ, ସହକାରୀ ଯନ୍ତ୍ରୀ ସମ୍ପିତ କୁମାର ଜେନା, କନିଷ୍ଠ ଯନ୍ତ୍ରୀ ସଚ୍ଚିଦାନନ୍ଦ ଦାଶ, ପୂର୍ବତନ ସରପଞ୍ଚ ଭଗବାନ ନାହାକ, ପୂର୍ବତନ ସମିତି ସଭ୍ୟ ସୁଶାନ୍ତ କୁମାର ସାହୁଙ୍କ ସମେତ ବହୁ ଜନପ୍ରତିନିଧି ଉପସ୍ଥିତ ଥିଲେ।

# ଗଞ୍ଜାମରେ ହେବ ୨ ବୃହତ୍ ଜଳଯୋଗାଣ ପ୍ରକଳ୍ପ

■ ୩୧୫.୭୫ କୋଟି ମଞ୍ଜୁର
■ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲା ଜିଲା ବିଜେଡି

ଛତ୍ରପୁର,୧୧।୧୦(ଡି.ଏନ୍.ଏ.)

ଗଞ୍ଜାମ ଜିଲାରେ ଦୁଇଟି ବୃହତ୍ ଗ୍ରାମ୍ୟ ପାନୀୟ ଜଳଯୋଗାଣ ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩୧୫ କୋଟି ୭୫ ଲକ୍ଷ ୬୫ ହଜାର ଟଙ୍କା ମଞ୍ଜୁର କରିଛନ୍ତି। ଉକ୍ତ ପ୍ରକଳ୍ପ ଦ୍ୱାରା ଜିଲାର ୪ ବ୍ଲକର ୮୬ ପଞ୍ଚାୟତ ଅନ୍ତର୍ଗତ ୩୦୪ଟି ଗ୍ରାମରେ ବସବାସ କରୁଥିବା ପ୍ରାୟ ୭ ଲକ୍ଷ ଜନସାଧାରଣ ସ୍ୱଚ୍ଛ ପାନୀୟ ଜଳ ପାଇପାରିବେ। ରଙ୍ଗେଇଲୁଣ୍ଡା ବ୍ଲକ ଅଧୀନରେ ଥିବା ୩୩ଟି ପଞ୍ଚାୟତ ଅନ୍ତର୍ଗତ ୮୧ଟି ଗ୍ରାମର ପ୍ରାୟ ୧ ଲକ୍ଷ ୫୫ ହଜାର ଲୋକ, ଗଞ୍ଜାମ ବ୍ଲକର ୨ଟି ପଞ୍ଚାୟତ ଅନ୍ତର୍ଗତ ୬ଟି ଗ୍ରାମର ପ୍ରାୟ ୧୬ ହଜାର ଲୋକ, ଛତ୍ରପୁର ବ୍ଲକର ୨୧ଟି ପଞ୍ଚାୟତର ୭୪ଟି ଗ୍ରାମର ପ୍ରାୟ ୧ ଲକ୍ଷ ୩୫ ହଜାର



ସଭାରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ।

ଲୋକ ଓ ଖଲ୍ଲିକୋଟ ବ୍ଲକର ୩୦ଟି ପଞ୍ଚାୟତ ଅନ୍ତର୍ଗତ ୧୪୩ଟି ଗ୍ରାମର ପ୍ରାୟ ୩ ଲକ୍ଷ ୬୦ ହଜାର ଲୋକ ଏହି ପାନୀୟ ଜଳପ୍ରକଳ୍ପ ଦ୍ୱାରା ଉପକୃତ ହେବେ। ଏହି ପ୍ରକଳ୍ପର କାମ ୨ ବର୍ଷ ମଧ୍ୟରେ ଶେଷ କରି ଲୋକଙ୍କୁ ବିଶୁଦ୍ଧ ପଇବା ପାଣି ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ଜିଲା ବିଜେଡି, ରଙ୍ଗେଇଲୁଣ୍ଡା, ଖଲ୍ଲିକୋଟ ଏବଂ ଛତ୍ରପୁର ନିର୍ବାଚନମଣ୍ଡଳୀ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଯାଇଛି। ସୋମବାର ସନ୍ଧ୍ୟାରେ ଛତ୍ରପୁରସ୍ଥିତ ଶିବ ପଟ୍ଟନାୟକ ରିଡିଂ ରୁମ ପରିସରରେ ଏକ ସଭା ଆୟୋଜନ କରି ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଯାଇଥିଲା। ଏଥିରେ ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଜିଲାପରିଷଦ ଅଧ୍ୟକ୍ଷା ସୋନମ ପଲେଇ, ଜିଲା ବିଜେଡି ମହିଳା ସଭାପତି ସଂଘମିତ୍ରା ଦଳାଇ, ଜିଲା ବିଜେଡି ଛାତ୍ର ସଭାପତି ପ୍ରଶାନ୍ତ କୁମାର ପଣ୍ଡା, ଜିଲା ଯୁବ ବିଜେଡି ସଭାପତି ଭବାନୀକାନ୍ତ ସାହୁ, ରଙ୍ଗେଇଲୁଣ୍ଡା ବ୍ଲକ ଅଧ୍ୟକ୍ଷା ସିଏଚ୍ ଉଷାରାଣୀ ପାତ୍ର, ବ୍ଲକ ଉପାଧ୍ୟକ୍ଷ ଅଜିତ କୁମାର ଦାଶ, ଛତ୍ରପୁର ବ୍ଲକ ଅଧ୍ୟକ୍ଷ ଏମ୍. ଧନଞ୍ଜୟ ରେଡ୍ଡୀ ଓ ଉପାଧ୍ୟକ୍ଷା ଅମିତା ସାହୁ ପ୍ରମୁଖ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀ ସର୍ବଦା ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇବାକୁ ପ୍ରାଥମିକତା ଦେଇ ଆସୁଥିବା କହିଥିଲେ।

## ସଂକ୍ଷେପରେ

### ଯାଜପୁର ଜିଲା ଅଧିକାରୀଙ୍କ ଶେରଗଡ଼ ବିଦ୍ୟାଳୟ ପରିଦର୍ଶନ

ଶେରଗଡ,୧୧।୧୦(ଡି.ଏନ.ଏ.): ଯାଜପୁର ଜିଲା ପିଡି ଅଶୋକ କୁମାର ବେଉରାଙ୍କ ନେତୃତ୍ୱରେ ୧୦ ବ୍ଲକର ବିଡିଓ ଓ ୧୦ ସହକାରୀ ନିର୍ବାହୀ ଯନ୍ତ୍ରୀ ସୋମବାର ଗଞ୍ଜାମ ଜିଲା ଗସ୍ତରେ ଆସି ଶେରଗଡ଼ ପିତଳସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟର ସ୍ମାର୍ଟ ଶ୍ରେଣୀ ପରିଦର୍ଶନ କରିଛନ୍ତି। ଏହି ଟିମ୍‌ର ଅଧିକାରୀମାନେ ବାଳିକା ଉଚ୍ଚ ବିଦ୍ୟାଳୟରେ ଲାଗିଥିବା ଏଲ୍ଇଡି ଟିଭି, ସ୍ମାର୍ଟ ବୋର୍ଡ, ଇଲାଇବ୍ରେରି, ଲାବୋରେଟୋରୀ, ସ୍ୱଚ୍ଛ ପିଇବା ପାଣି ପ୍ରକଳ୍ପ ଆଦି ଦେଖି ଖୁସି ବ୍ୟକ୍ତ କରିଥିଲେ। ଏହି ପରିଦର୍ଶନରେ ବିଡିଓ ଶମ୍ଭୁନାଥ ନନ୍ଦି, ସହକାରୀ ନିର୍ବାହୀ ଯନ୍ତ୍ରୀ କେଦାର ନାଥ ପଣ୍ଡା ଟିମକୁ ସହଯୋଗ କରିଥିଲେ।

### ବଦଳିଲେ ସହକାରୀ ନିର୍ବାହୀ ଯନ୍ତ୍ରୀ

ଦାରିଙ୍ଗବାଡ଼ି,୧୧।୧୦(ଡି.ଏନ.ଏ.): ବିଭିନ୍ନ ଦାବି ନେଇ କଂଗ୍ରେସ ପକ୍ଷରୁ ସୋମବାର ଦାରିଙ୍ଗବାଡି ବନ୍ଦ ଡାକରା ଦିଆଯାଇଥିଲା। ପଞ୍ଚାୟତ ସମିତିର ସହକାରୀ ନିର୍ବାହୀଯନ୍ତ୍ରୀ ବଭ୍ରୁବାହନ ବେହେରାଙ୍କ ବଦଳି ଏକ ଦାବି ଥିଲା। ରାଜ୍ୟ ସରକାର ବଭ୍ରୁବାହନଙ୍କ ବଦଳରେ ସହକାରୀ ନିର୍ବାହୀଯନ୍ତ୍ରୀ ଶିଶିର କୁମାର ପାତ୍ରଙ୍କୁ ସୋମବାର ଦାରିଙ୍ଗବାଡି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ନିଯୁକ୍ତି ଦେଇଛନ୍ତି। ପାତ୍ର ଦିଗପହଣ୍ଡିରୁ ବଦଳି ହୋଇ ଏଠାକୁ ଆସିଛନ୍ତି। ଅନ୍ୟପଟେ ସହକାରୀ ନିର୍ବାହୀ ଯନ୍ତ୍ରୀ ବେହେରା ଛୁଟିରେ ରହିଥିବା ଜଣାପଡିଛି। ନୂତନ ସହକାରୀ ନିର୍ବାହୀଯନ୍ତ୍ରୀ କାର୍ଯ୍ୟରେ ଯୋଗଦେବାପରେ ଲୋକଙ୍କ ସମସ୍ୟାର ସମାଧାନକୁ ପ୍ରାଥମିକତା ଦେବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଦାରିଙ୍ଗବାଡ଼ି ପଞ୍ଚାୟତ ସମିତି ୨୫ ପଞ୍ଚାୟତକୁ ନେଇ ରହିଥିବା ବେଳେ ଏହା କନ୍ଧମାଳ ଜିଲାର ବୃହତ ବ୍ଲକ କାର୍ଯ୍ୟାଳୟ। ସେଥିପାଇଁ ଏହି ବ୍ଲକରେ ୨ ଜଣ ସହକାରୀ ଯନ୍ତ୍ରୀ ପଦବୀ ରହିଛି। ଏଥିରେ ବଭ୍ରୁବାହନ ଦାୟିତ୍ୱ ତୁଲାଉ ଥିବା ବେଳେ ତାଙ୍କର ବଦଳି ଦାବି କରି କଂଗ୍ରେସ ବିକ୍ଷୋଭ କରିଥିଲା। ବଭ୍ରୁବାହନ ବେହେରା ଛୁଟିରେ ଗଲା ପରେ ତାଙ୍କ ସ୍ଥାନରେ ଅନ୍ୟ ଜଣଙ୍କୁ ନିଯୁକ୍ତି ଦିଆଯାଇଛି।

### ଗଞ୍ଜାମ, ଛତ୍ରପୁର ପ୍ରେସ୍ କ୍ଲବର ବନ୍ଧୁମିଳନ

ଗଞ୍ଜାମ,୧୧।୧୦(ଡି.ଏନ.ଏ.): ଗଞ୍ଜାମ ବ୍ଲକ ବଟେଶ୍ୱର ଶୈବପୀଠ ପରିସରରେ ଗଞ୍ଜାମ ପ୍ରେସ୍‌କ୍ଲବ ଓ ଛତ୍ରପୁର ପ୍ରେସ୍‌କ୍ଲବର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା, ସ୍ଥାନୀୟ ସରପଞ୍ଚ ଦିଲିପ ଛୋଟରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସାମ୍ପ୍ରତିକ ସମୟରେ ସାମ୍ବାଦିକମାନଙ୍କ ଉପରେ ଆକ୍ରମଣକୁ ଦୃଢ଼ ନିନ୍ଦା କରାଯିବା ସହ ଏକତା ହିଁ ସାମ୍ବାଦିକମାନଙ୍କ ସୁରକ୍ଷା କବଚ ବୋଲି ମତପ୍ରକାଶ ପାଇଥିଲା। ଛତ୍ରପୁର ପ୍ରେସ କ୍ଲବ ଉପଦେଷ୍ଟା ବସନ୍ତ ମହାରଣା, ସଭାପତି ପ୍ରଶାନ୍ତ ମହାରଣା, ସମ୍ପାଦକ ସନ୍ତୋଷ କୁମାର ପାଢ଼ୀ, ଉପ ସଭାପତି ଦିଲିପ ସାମଲ, କୋଷାଧ୍ୟକ୍ଷ ସରୋଜ ସାମଲ, ସହ ସମ୍ପାଦକ କେ.ସତ୍ୟନାରାୟଣ ରେଡ୍ଡୀ, ଗଞ୍ଜାମ ପ୍ରେସ କ୍ଲବ ଉପଦେଷ୍ଟା ଉମାକାନ୍ତ ବେହେରା, ସଭାପତି ଶବର କୁମାର ତାରାଇ, ସମ୍ପାଦକ ବିଦ୍ୟାଧର ସାହୁ, କୋଷାଧ୍ୟକ୍ଷ ପ୍ରଦୀପ କୁମାର ପଣ୍ଡା, ସହ ସମ୍ପାଦକ ନିରଞ୍ଜନ ପରିଡା ପ୍ରମୁଖ ଯୋଗଦେଇଥିଲେ। ସନ୍ତୋଷ ସାହୁ, ସୁଜୟ ସୁପ୍ରକାଶ ଧଳ, ଗୌରଚନ୍ଦ୍ର ମହାପାତ୍ର, କେ.ରମେଶ ରେଡି, ବିଜୟଲକ୍ଷ୍ମୀ ମହାଙ୍କୁଡ଼, ନୀଳାଞ୍ଚଳ ସେନାପତି, ବଟକୃଷ୍ଣ ରାଉଳ, ବନବାସୀ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ମହେନ୍ଦ୍ରଗିରିରେ ନବରାତ୍ର ପୂଜା

ପାରଳାଖେମୁଣ୍ଡି,୧୧।୧୦(ଡି.ଏନ୍.ଏ.): ରାୟଗଡ଼ ବ୍ଲକ ଅନ୍ତର୍ଗତ ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରିଠାରେ ବନବାସୀମାନଙ୍କ ଦ୍ୱାରା ନବରାତ୍ର ପୂଜା ପାଳନ କରାଯାଉଛି। ମହେନ୍ଦ୍ରଗିରିର ଶିଖରରେ ମହେନ୍ଦ୍ରଶ୍ୱରି ଓ କୁନ୍ତି ମନ୍ଦିରରେ ପୂଜା କରି ଏହି ନବରାତ୍ର ପୂଜା ଆରମ୍ଭ ହୁଏ। ଚଳିତ ବର୍ଷ ମହେନ୍ଦ୍ରଗିରି ପାଦଦେଶ ବାଙ୍ଗୁ ସାହି ଗ୍ରାମର ୫୧ଜଣ ସାଧକ ନବରାତ୍ର ବ୍ରତ ପାଳନ କରୁଥିବାର ଜଣାଯାଇଛି। ବର୍ତ୍ତମାନ ନବରାତ୍ର ପୂଜା ପାଳନ କରାଯାଉଥିବା ବେଳେ ଆସନ୍ତା ୧୪ ତାରିଖରେ ପୂର୍ଣ୍ଣାହୁତି କରି ଦଶହରା ଦିନ ଗ୍ରାମଗୁଡ଼ିକରେ ଦୁର୍ଗା ପୂଜା ସାପ୍ତାହିକ ରୀତିରେ ପାଳନ କରିବେ। ଶବର କଲ୍ୟାଣ ସମିତିର ବରିଷ୍ଠ କାର୍ଯ୍ୟକର୍ତ୍ତା ଉମ୍ବରୁଧର ମଣ୍ଡଳ, ସର୍ବୋଚ୍ଚ ଉପଦେଷ୍ଟା କୈଳାସ ରଇତ, ସହ ଉପଦେଷ୍ଟା କୃପା ସିନ୍ଧୁ ଶବର, ଗଜପତି ଜିଲାର ଉପଦେଷ୍ଟା ସୁମନ କାର୍ଯୀ, ଗଞ୍ଜାମ ଜିଲା ଉପଦେଷ୍ଟା କର୍ଣ୍ଣ ଶବର ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ୬୦ ବର୍ଷରେ ବିଜିପୁର ଦୁର୍ଗାପୂଜା

ବ୍ରହ୍ମପୁର ଅଫିସ୍,୧୧।୧୦

ଚଳିତ ବର୍ଷ କୋଭିଡ୍ କଟକଣା ମଧ୍ୟରେ ବ୍ରହ୍ମପୁର ସହରର ବିଭିନ୍ନ ପୂଜା ମଣ୍ଡପରେ ମା ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ଜିଲା ପ୍ରଶାସନର ସମସ୍ତ ନୀତି ନିୟମ, ୪ ଫୁଟ ଉଚ୍ଚତା ମୂର୍ତ୍ତି ଓ ପୂଜକ ଏବଂ କର୍ତ୍ତାଙ୍କୁ ନେଇ କମିଟି ପକ୍ଷରୁ ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଛି। ବ୍ରହ୍ମପୁର ସହରର ବିଜିପୁର ବ୍ୟବସାୟୀ ସଂଘ ଦୁର୍ଗା ପୂଜା କମିଟି ଚଳିତ ବର୍ଷ ୬୦ତମ ପୂଜା ପାଳନ କରୁଛି। ପ୍ରତ୍ୟହ ପୂର୍ବାହ୍ନରୁ ସୂର୍ଯ୍ୟ ପୂଜା, ଜଜମାନିକ କର୍ମ, ଷୋଡଶ ଉପଚାର,

**ପ୍ରଥମ ୨ ବର୍ଷ ହୋଇଥିଲା ଫଟୋ ପୂଜା**



ମୃଣ୍ମୟ ମୂର୍ତ୍ତି ପୂଜାର୍ଚ୍ଚନା।

ନବଗ୍ରହ ପୂଜା ଓ ୧ ହଜାର ବେଲ ପତ୍ର ପୂଜା କରାଯାଉଛି। ସନ୍ଧ୍ୟା ସମୟରେ ଚଣ୍ଡୀପାଠ ଓ ହୋମ କରାଯାଉଥିବା ପୂଜକ ପଣ୍ଡିତ ରାଧାକାନ୍ତ ପାଢୀ କହିଛନ୍ତି। ଏହି କମିଟି ପକ୍ଷରୁ ପ୍ରଥମେ ୧୯୬୧ରେ ପୂଜା ଆରମ୍ଭ କରିଥିଲା। ପ୍ରଥମ ୨ ବର୍ଷ ବିଜିପୁର ବଜାରରେ ମା'ଙ୍କ ଫଟୋ ପୂଜା ହୋଇଥିଲା। ସେ ସମୟରେ ବିନାୟକ ସାହୁ, ଏ. ନାସିଆ ଓ ଶ୍ୟାମବାବୁ ପ୍ରମୁଖଙ୍କ ମିଳିତ ଉଦ୍ୟମରେ ପୂଜା କରାଯାଇଥିଲା। ଏହାପରଠାରୁ ମୂର୍ତ୍ତି ପୂଜା ହେଉଥିବା କମିଟି ସମ୍ପାଦକ ପ୍ରବୀଣ କୁମାର ସାହୁ ସୂଚନା ଦେଇଛନ୍ତି। କମିଟି ସଭାପତି ଗଣେଶ ସାହୁ, ସହ ସଂଯୋଜକ ସଞ୍ଜୟ ମାଝି, କାଳୀ ପ୍ରସାଦ ପାତ୍ର ପ୍ରମୁଖ ପୂଜା କାର୍ଯ୍ୟରେ ସହଯୋଗ କରୁଛନ୍ତି।

# ସାହିତ୍ୟରେ ଆଦର୍ଶ ଉପରେ ଆଲୋଚନାଚକ୍ର



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଭଞ୍ଜନଗର,୧୧।୧୦(ଡି.ଏନ.ଏ)

କବିସମ୍ରାଟ ସାହିତ୍ୟ ସଂସଦ ପକ୍ଷରୁ ରବିବାର ସାହିତ୍ୟରେ ଆଦର୍ଶ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏହାର ପତ୍ରିକା 'ବୈଜୟନ୍ତୀ'ର ପୂଜା ସଂଖ୍ୟା ଲୋକାର୍ପିତ ହୋଇଛି। ଡ. ସୁରେଶ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଆଇନଜୀବୀ ରାଜେନ୍ଦ୍ର ପ୍ରସାଦ ପ୍ରଧାନ ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡ. କମ୍ବୁପାଣି ସାମନ୍ତ ମୁଖ୍ୟ ଅତିଥି, କବି ପ୍ରଶାନ୍ତ ମହାନ୍ତି ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥିଭାବେ ରବୀନ୍ଦ୍ର ଆଚାର୍ଯ୍ୟ, ବଳରାମ ସ୍ୱାଇଁ, ପଣ୍ଡିତ ରାମକୃଷ୍ଣ ପତି, ବାର ଆସୋସିଏଶନ ସଭାପତି ସନ୍ତୋଷ କୁମାର ନାୟକ ଯୋଗ ଦେଇଥିଲେ। ଏହି ଅବସରରେ ଲେଖକ ସରୋଜକାନ୍ତ ରଥଙ୍କୁ 'ବୈଜୟନ୍ତୀ-୨୧' ସମ୍ମାନ ଏବଂ ତପସ୍ୱିନୀ ମିଶ୍ରଙ୍କୁ 'ବୈଜୟନ୍ତୀ କବିତା ସମ୍ମାନ' ପ୍ରଦାନ କରାଯାଇଥିଲା।

# ଭତ୍ତା, ଋଣ ଦାବିରେ ବ୍ରହ୍ମପୁର ଉପଜିଲାପାଳଙ୍କୁ ଦାବିପତ୍ର

ବ୍ରହ୍ମପୁର ଅଫିସ୍,୧୧।୧୦

ଗଞ୍ଜାମ ଜିଲା ଚିକିଟି ବ୍ଲକ ନୂଆପଡା ପଞ୍ଚାୟତର ବୃଦ୍ଧା ଓ ବୃଦ୍ଧଙ୍କୁ ଭତ୍ତା ମିଳୁ ନ ଥିବା ଅଭିଯୋଗରେ ସୋମବାର ଗ୍ରାମବାସୀ ବ୍ରହ୍ମପୁର ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, ପଞ୍ଚାୟତରେ ଅନେକ ଗରିବ ଓ ଖଟିଖିଆ ଥିବା ବେଳେ ସେମାନଙ୍କୁ କୌଣସି ଋଣ ପ୍ରଦାନ କରାଯାଉ ନାହିଁ। ଏପରିକି ୪୦ରୁ ୫୦ ବର୍ଷ ବୟସ୍କଙ୍କୁ ଭତ୍ତା ମିଳୁଛି। କିନ୍ତୁ ୭୦ରୁ ୮୦ ବର୍ଷ ବୟସ୍କଙ୍କୁ ଭତ୍ତା ମିଳୁ ନାହିଁ। ଗରିବ ଲୋକଙ୍କ ନିମନ୍ତେ ସରକାରଙ୍କ ବିଭିନ୍ନ ଯୋଜନା ରହିଛି। କିନ୍ତୁ ପ୍ରକୃତ ହିତାଧିକାରୀ ସରକାରୀ ଯୋଜନାରୁ ବଞ୍ଚିତ ଅଛନ୍ତି। ଏଣୁ ଗ୍ରାମପଞ୍ଚାୟତରେ ଥିବା ପ୍ରକୃତ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ସରକାରୀ ଋଣ ଓ ଭତ୍ତା ପ୍ରଦାନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଆଲୋକିତ ହେଉଛି ତିବ୍ବତୀୟ ପର୍ଯ୍ୟଟନ କ୍ଷେତ୍ର

**ପୋଖରୀରେ ଜଳ ବିଦ୍ୟୁତ୍ ପ୍ରକଳ୍ପ**

ଆର.ଉଦୟଗିରି,୧୧।୧୦(ଡି.ଏନ.ଏ.)

ଗଜପତି ଜିଲା ପ୍ରଶାସନ ଏକ କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପ ତିଆରି କରି ଅନେକ ପ୍ରଶଂସା ସାଉଁଟିଛି। ଜିରାଙ୍ଗସ୍ଥିତ ବୌଦ୍ଧ ମନ୍ଦିର ନିକଟରେ ପଦ୍ମସମ୍ଭବ ମାନସରୋବର। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ପାହାଡ ଝରଣାରୁ ବହିଯାଉଥିବା ଜଳକୁ ଠିକ ବିନିଯୋଗ କରି ଏହି ଜଳ ବିଦ୍ୟୁତ୍ ପ୍ରକଳ୍ପ ତିଆରି କରାଯାଇଛି। ଜଳଉତ୍ସ ତଳେ ଛୋଟ ଟର୍ବାଇନ ବସାଇ ଏହି ଜଳବିଦ୍ୟୁତ୍ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରାଯାଇଛି। ଜଳଭଣ୍ଡାରଠାରୁ ୧୪ ଫୁଟ ତଳେ ୧ କିଲୋୱାଟ ବିଦ୍ୟୁତ ଉତ୍ପାଦନ କ୍ଷମତା ବିଶିଷ୍ଟ ଟର୍ବାଇନ ବସାଯାଇ ତାହାକୁ ପାଇପ ସଂଯୋଗ କରାଯାଇଛି। ଫଳରେ ଏହା ମଧ୍ୟରୁ ସେକେଣ୍ଡ ପ୍ରତି ୫୫ ଲିଟର ଜଳ ପ୍ରବାହିତ ହେଉଛି। ଯାହାକି ୩ ଲକ୍ଷ ୫୦ ହଜାର ବ୍ୟୟ ଅଟକଳରେ ଏକ କିଲୋୱାଟ କ୍ଷମତାର ବିଦ୍ୟୁତ୍ ଉତ୍ପାଦନ ହେଉଛି। ଏହି ବିଦ୍ୟୁତ୍‌କୁ ସୁବିନିଯୋଗ କରି ଜଳ ଭଣ୍ଡାର ଚାରିପଟେ ଏଲ୍ଇଡି ଲାଇଟ୍ ଖଞ୍ଜାଯାଇ ଆଲୋକୀକରଣ କରାଯାଇଛି। ଜିରାଙ୍ଗର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ଆଉ ସେଠାରେ ଏବେ



ଜଳ ବିଦ୍ୟୁତ୍ ପ୍ରକଳ୍ପ

ଏଭଳି ଜଳବିଦ୍ୟୁତ୍ ପ୍ରକଳ୍ପ ତିଆରି କରି ପର୍ଯ୍ୟଟକଙ୍କୁ ଆକର୍ଷିତ କରାଯାଉଛି। ଫଳରେ ପର୍ଯ୍ୟଟକମାନେ ରାତିରେ ଏହି ଜଳ ବିଦ୍ୟୁତ ପ୍ରକଳ୍ପର ମନୋରମ ଦୃଶ୍ୟକୁ ଉପଭୋଗ କରିପାରୁଛନ୍ତି। ପୂର୍ବତନ ଜିଲାପାଳ ଅନୁପ ଶାହାଙ୍କ ନିର୍ଦ୍ଦେଶରେ ଏହି ପ୍ରକଳ୍ପ ଆରମ୍ଭ ହୋଇଥିବା ବେଳେ ଯନ୍ତ୍ରୀ ନଗେନ୍ଦ୍ର ମହାରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଛି। ମାଇକ୍ରୋ ଟରବାଇନ ଯୋଗେ କ୍ଷୁଦ୍ର ଜଳଭଣ୍ଡାରରୁ ବିଦ୍ୟୁତ୍ ଉତ୍ପାଦନ ଘଟଣା ଜିଲାରେ ପ୍ରଥମ। ହେଲେ ଏବେ ବି ଗଜପତି ଜିଲାରେ ଏମିତି ଅଞ୍ଚଳ ରହିଛି ଯେଉଁଠି ବିଦ୍ୟୁତ ସେବା ପହଞ୍ଚି ପାରିନାହିଁ। ଯଦି ଏହି ପ୍ରକଳ୍ପ ଅପହଞ୍ଚ ଅଞ୍ଚଳରେ କାର୍ଯ୍ୟକ୍ଷମ ହୋଇପାରନ୍ତା ତେବେ ଏଠାରେ ବସବାସ କରୁଥିବା ଲୋକ ମଧ ବିଦ୍ୟୁତ୍ ଆଲୋକର ସୁବିଧା ପାଇପାରନ୍ତେ।

# ଜିଲା କଂଗ୍ରେସ ସଭାପତିଙ୍କ ପାତ୍ରପୁର ପରିଦର୍ଶନ

ପାତ୍ରପୁର,୧୧।୧୦(ଡି.ଏନ.ଏ.)

ଗଞ୍ଜାମ କକଜିଲା କଂଗ୍ରେସ ସଭାପତି ରମେଶ ଜେନା ସୋମବାର ପାତ୍ରପୁର ବ୍ଲକ ପରିଦର୍ଶନ କରିଛନ୍ତି। ବି. ନୂଆଗାଁ, ଜୟନ୍ତିପୁର ଚୁଡିଆଲାଞ୍ଜି, ପାତ୍ରପୁର, ଜରଡ଼ା ପରିଦର୍ଶନ କରି ନବରାତ୍ରି ପୂଜାରେ ଦେବୀଙ୍କ ଦର୍ଶନ କରିବା ସହ ଗାନ୍ଧୀ ମୂର୍ତ୍ତିଗୁଡ଼ିକରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଜରଡ଼ା ପାର୍ଥସାରଥିଙ୍କ ଦର୍ଶନ କରି ପାତ୍ରପୁର ଶଙ୍କର ଅଧିକାରୀଙ୍କ ବାସଭବନଠାରେ ଚିକିଟି ନିର୍ବାଚନ ମଣ୍ଡଳୀରେ ଲୋକେ ଭୟଭୀତରେ ଥିବା ପ୍ରକାଶ କରିଥଲେ। ଉଭୟ ଭାଜପା ଓ ବିଜେଡିର ଶାସନ ଦମନ ପାଇଁ ଆଗାମୀ ଦିନରେ ଚିକିଟି ପାତ୍ରପୁରରେ କଂଗ୍ରେସ ସଂଗଠନ ସୁଦୃଢ଼ କରିବାକୁ ଯାଉଛି ବୋଲି ଜେନା ପ୍ରକାଶ କରିଥିଲେ। ସମ୍ପ୍ରତି ପଞ୍ଚାୟତ ନିର୍ବାଚନରେ ସରକାରୀ କଳକୁ ସୁହାଇଲା ଭଳି ସଂରକ୍ଷଣ ବ୍ୟବସ୍ଥା କରାଯାଇଥିଲେ ମଧ ଗଞ୍ଜାମ ଜିଲାର ପ୍ରତ୍ୟେକ ପଞ୍ଚାୟତରେ ଜିଲା ପରିଷଦ, ସମିତି ସଭ୍ୟ ଓ ସରପଞ୍ଚ ପ୍ରାର୍ଥୀ କଂଗ୍ରେସ ଦେବ ବୋଲି ଖବରଦାତା ମାନଙ୍କ ପ୍ରଶ୍ନରେ ଜେନା ଉତ୍ତର ରଖିଛନ୍ତି। ରମେଶ ଜେନାଙ୍କ ଏହି ଗସ୍ତରେ ସଂଗଠକ ଶଙ୍କର ଅଧିକାରୀ, ବ୍ଲକ କଂଗ୍ରେସ ସଭାପତି ସରୋଜ ଦୋରା, ସାଲିନା ଉମା ଶଙ୍କରଙ୍କ ସମେତ ଅନେକ କଂଗ୍ରେସ କର୍ମୀ ଯୋଗଦେଇଥିଲେ।

# କନ୍ଧମାଳର ୬୩୭ ଗ୍ରାମକୁ ମିଳିବ ବିଶୁଦ୍ଧ ପାନୀୟଜଳ

**୬୫୭ କୋଟିରେ ହେବ ପ୍ରକଳ୍ପ**

ଫୁଲବାଣୀ ଅଫିସ, ୧୧।୧୦

କନ୍ଧମାଳ ଜିଲାରେ ପାନୀୟ ଜଳ ସଂକଟ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ୬୫୭ କୋଟିଟଙ୍କାର ମେଗା ପାନୀୟ ଜଳ ପ୍ରକଳ୍ପକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହି ଘୋଷଣା ପରେ ଜିଲା ବିଜେଡି ପକ୍ଷରୁ ସୋମବାର ସନ୍ଧ୍ୟାରେ ଏକ ଖବରାଦତା ସମ୍ମିଳନୀ କରାଯାଇ ସମ୍ପୂର୍ଣ୍ଣ ତଥ୍ୟ ଦିଆଯାଇଛି।

ଏହି ମେଗା ପ୍ରକଳ୍ପ ମାଧ୍ୟମରେ କନ୍ଧମାଳ ଜିଲାର ଫିରିଙ୍ଗିଆ, ଫୁଲବାଣୀ, ଚକାପାଦ, ଖଜୁରିପଡା, ଜି.ଉଦୟଗିରି ଓ କ.ନୂଆଗାଁ ବ୍ଲକର ୪୯ଟି ଗ୍ରାମ ପଞ୍ଚାୟତର



ବିଧାୟକଙ୍କ ସହ ଜିଲା ସଭାପତି।

୬୩୭ ଟି ଗ୍ରାମର ପ୍ରାୟ ୪ ଲକ୍ଷ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ। ଫୁଲବାଣୀର ୧୧ଟି ବ୍ଲକର ୧୮୨ଟି ଗ୍ରାମ, ଫିରିଙ୍ଗିଆ ବ୍ଲକର ୧୨ଟି ପ୍ୟଚୟତର ୧୧୦ ଗ୍ରାମ, ଖଜୁରିପଡା ବ୍ଲକର ୧୩ ପଞ୍ଚାୟତର ୧୭୫ଟି ଗ୍ରାମ, ଚକାପାଦ ବ୍ଲକର ୫ ପଞ୍ଚାୟତର ୬୫ ଗ୍ରାମ, ଜି.ଉଦୟଗିରି ବ୍ଲକର ୨ଟି ପଞ୍ଚାୟତର ୧୮ଟି ଗ୍ରାମ ଓ କ.ନୂଆଗାଁ ବ୍ଲକ ୬ଟି ପଞ୍ଚାୟତର ୮୭ ଗ୍ରାମ ରହିଛି। ଏହି ପ୍ରକଳ୍ପର କାମ ୨ ବର୍ଷ ମଧ୍ୟରେ ସରିବ ବୋଲି ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ଜିଲା ବିଜେଡି ସଭାପତି ସରୋଜ କର୍ଣ୍ଣ ପ୍ରକାଶ କରଛନ୍ତି। ପୂର୍ବରୁ ବାଲିଗୁଡା ନିର୍ବାଚନ ମଣ୍ଡଳୀରେ ମଧ୍ୟ ୧୮୭ କୋଟି ଟଙ୍କାର ଅନ୍ୟ ଏକ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଆଗେଇ ଚାଲିଥିବା ସେ ସୂଚନା ଦେଇଥିଲେ। ଏଥିସହ ବୌଦ୍ଧ ଜିଲାର ହରଭଙ୍ଗା ବ୍ଲକ ପାଇଁ ମଧ୍ୟ ପ୍ରାୟ ୭୪ କୋଟି ଟଙ୍କାର ଏକ ମେଗା ପାନୀୟ ଜଳ ପ୍ରକଳ୍ପ କ୍ୟାବିନେଟ ଅନୁମୋଦନ ପାଇଥିବା ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ଜି ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ, ବାଲିଗୁଡା ବିଧାୟକ ଚକ୍ରମଣି କହଁର, ଜିଲା ପରିଷଦ ଉପାଧ୍ୟକ୍ଷା ସାରତୀ ମଲ୍ଲିକ, ଖଜୁରିପଡା ବ୍ଲକ ଅଧ୍ୟକ୍ଷ ବୀରେନ୍ଦ୍ର କହଁର, ଫୁଲବାଣୀ ବ୍ଲକ ଅଧ୍ୟକ୍ଷ ମଞ୍ଜୁଦେବୀ କହଁର, ଚକାପାଦ ବ୍ଲକ ଅଧ୍ୟକ୍ଷ ପ୍ରଭଞ୍ଜନ କହଁର, ଫିରିଙ୍ଗିଆ ବ୍ଲକ ଅଧ୍ୟକ୍ଷ ଲାଲନନ୍ଦ କହଁର, ଯୁବ ବିଜେଡି ସଭାପତି ବିଷ୍ଣୁ ଚରଣ ମଲିକ, ଛାତ୍ର ବିଜେଡି ସଭାପତି ସୁନୀଲ ସେଠୀ, ନଗର ବିଜେଡି ସଭାପତି ସୁଧୀର କହଁର, ନଗର ଯୁବ ବିଜେଡି ସଭାପତି ପାର୍ଥସାରଥି ବିଶ୍ୱାଳଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଶ୍ରୀରାମ ଡିଗ୍ରୀ କଲେଜରେ ଆଜାଦି କା ଅମୃତ ମହୋତ୍ସବ

କାଶୀନଗର,୧୧।୧୦(ଡି.ଏନ.ଏ.)

କାଶୀନଗରସ୍ଥ ଶ୍ରୀରାମ ଡିଗ୍ରୀ କଲେଜଠାରେ ପ୍ରସଙ୍ଗର ସମ୍ପାଦକ ହୃଷୀକେଶ ଗୌଡ଼ଙ୍କ ଦ୍ୱାରା ଆଜାଦି କା ଅମୃତ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ତହସିଲଦାର ଡ. ଲକ୍ଷ୍ମୀ ପ୍ରସାଦ ସାହୁ, ସମ୍ମାନିତ ଅତିଥି ଭାବେ ଆଇଆଇସି ସୁଶାନ୍ତ କୁମାର ସାହୁ ଯୋଗ ଦେଇଥିଲେ। କଲେଜର ଅଧ୍ୟକ୍ଷ ଡ. ପ୍ରଶାନ୍ତ କୁମାର ବାନାପଲି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପରୀକ୍ଷାରେ ଶ୍ରୀରାମ କଲେଜର ୧୬ ଜଣ ଛାତ୍ରୀଛାତ୍ର ଟପ୍ପର ହୋଇଛନ୍ତି। ଗଣିତ, ଭୂଗୋଳ ଓ ରାଜନୀତି ବିଜ୍ଞାନରେ ବିଶ୍ୱବିଦ୍ୟାଳୟର ଟପ୍ପର ଛାତ୍ରୀଛାତ୍ରଙ୍କୁ ଆୟୋଜକ ହୃଷୀକେଶ ଗୌଡ଼ଙ୍କ ଦ୍ୱାରା ଅତିଥିମାନେ ମେଡାଲ ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହ କଲେଜକୁ ସିଲ ପ୍ରଦାନ କରିଥିଲେ। କଲେଜ ତରଫରୁ ଅଧ୍ୟକ୍ଷ ଓ କର୍ମଚାରୀ ଗୌଡ଼ଙ୍କୁ ସମାଜସେବା ପାଇଁ ସମ୍ବର୍ଦ୍ଧିତ କରିଥିଲେ। ସାବିତ୍ରୀ ସାହୁ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। ଗଣିତ ଅଧ୍ୟାପକ ବିଶ୍ୱରଞ୍ଜନ ଗୌଡ଼, ରାଜନୀତି ବିଜ୍ଞାନ ଅଧ୍ୟାପିକା ସସ୍ମିତା ପାଣିଗ୍ରାହୀ ଓ ବରଦାକାନ୍ତ ମିଶ୍ରଙ୍କୁ ବିଭାଗୀୟ ଛାତ୍ରୀଛାତ୍ରମାନେ ଟପ୍ପର ଯୋଗୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ମୁନା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ପ୍ରଥମ ପୃଷ୍ଠାରୁ...

### ରାଇସୁଆଁ, ଟଷ୍ଟୋ...

ଏଣୁ ଏୟାରଷ୍ଟ୍ରିପ୍‌ର ବିକାଶ କରାଗଲେ ରାଜ୍ୟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିମାନବନ୍ଦର ହୋଇପାରନ୍ତା ବୋଲି ଜିଲାର ବିଶିଷ୍ଟ ଶିଳ୍ପପତି ଦେବବ୍ରତ ବେହେରା କହିଛନ୍ତି। ଏନେଇ ଅତିରିକ୍ତ ଜିଲାପାଳ ସନ୍ତୋଷ ନାୟକ କହିଛନ୍ତି, ନିଶ୍ଚିତ ଭାବେ ଏୟାରଷ୍ଟ୍ରିପ୍‌ଗୁଡିକର ବିକାଶ ହେଲେ ଜିଲାବାସୀ ସୁଫଳ ପାଇପାରିବେ। ସେଭଳି ପ୍ରସ୍ତାବ ଆସିଲେ ନିଶ୍ଚିତ ଭାବେ ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯିବ।

### ସହକାରୀ ମସ୍ୟ...

ଗ୍ରାମର ଗୁକୁନା ପ୍ରଧାନଙ୍କ ସ୍ତ୍ରୀ ଗୁବିଙ୍କୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଏକ ପୋଖରୀ ଖୋଳିବା ପାଇଁ କାର୍ଯ୍ୟାଦେଶ ଜାରି ହୋଇଥିଲା। କାମ ବାବଦକୁ ୫୦ହଜାର ଟଙ୍କା ମଜୁରି ପାଇବା ପାଇଁ ସହକାରୀ ମସ୍ୟ ଅଧିକାରୀଙ୍କ ନିକଟରେ ସେ ଆବେଦନ କରିଥିଲେ। ସେହି କାମର ବିଲ୍ ପାସ୍ କରିବା ପାଇଁ ସହକାରୀ ମସ୍ୟ ଅଧିକାରୀ ଉଦୟନାଥ ଆବେଦନକାରୀଙ୍କୁ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ଗୁକୁନା ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଗୁକୁନା ଉଦୟନାଥଙ୍କୁ ୧୦ହଜାର ଟଙ୍କା ଲାଞ୍ଚ ଦେଇଥିଲେ। ଭିଜିଲାନ୍ସ ଟିମ୍ ସେଠାରେ ଚଢ଼ାଉ କରି ଉଦୟନାଥଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରିଥିଲା। ମାମଲା ନଂ ୨୪/୧୨ରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ସେ ଜାମିନ ପାଇଥିଲେ। ସୋମବାର ଏହି ମାମଲାର ବିଚାର ବେଳେ ୧୦ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିଥିବାରୁ ଅଭିଯୁକ୍ତଙ୍କୁ ଜଜ୍ ଦଣ୍ଡାଦେଶ କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ପ୍ରଦୀପ କୁମାର ଦୋରା ମକଦ୍ଦମା ପରିଚାଳନା କରିଥିଲେ।

### କୋଟିଏରୁ...

ଓ ଅନ୍ୟ ମାରଣାସ୍ତ୍ର ଜବତ କରାଯାଇଛି। ଖବରପାଇ ଆଠଗଡ ଥାନା ଏସ୍‌ଡିପିଓ ଏବଂ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଟଙ୍କା ଗଣାଯିବା ପରେ ୧ କୋଟି ୫ଲକ୍ଷ ଟଙ୍କା ଟ୍ରଙ୍କ ମଧ୍ୟରେ ରହିଥିବା ଜଣାପଡିଛି। ବାକି ୨୪ ଲକ୍ଷ ଟଙ୍କା ଫେରାର ଦୁର୍ବୃତ୍ତ ନେଇ ପଳାଇଥିବା ପୋଲିସ କହିଛି। ଏ ସଂକ୍ରାନ୍ତରେ କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଲ କହିଛନ୍ତି, କ୍ୟାଶ୍ ଭ୍ୟାନ୍ ଲୁଟ୍ ସମ୍ପର୍କରେ ଆଠଗଡ ପୋଲିସ ପକ୍ଷରୁ ତୁରନ୍ତ ସୀମାନ୍ତ ଜିଲାର ବିଭିନ୍ନ ଥାନାକୁ ଜଣାଇ ଦିଆଯାଇଥିଲା। ଆଠଗଡ ଓ ଢେଙ୍କାନାଳ ପୋଲିସ ଦୁର୍ବୃତ୍ତମାନଙ୍କ ପିଛା କରିଥିଲା। ଭୋଜଦେଇପୁରଠାରେ ଦୁର୍ବୃତ୍ତମାନେ କାରକୁ ଛାଡି ନାଳ ଓ ଚାଷଜମି ଦେଇ ପଳାଉଥିବା ବେଳେ ଢେଙ୍କାନାଳ ସଦର ଥାନା ଅଧିକାରୀ ଓ ତାଙ୍କ ଟିମ୍ ୩ ଜଣଙ୍କୁ ଧରିଥିଲେ। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ତଦନ୍ତ କରୁଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ବୌଦ୍ଧ ଜିଲା ପୁରୁଣାକଟକ ଥାନା ଉପରକଟା ଗ୍ରାମର ଜଳିଦେବ କଅଁର ଓରଫ କାଳିଆ (୨୪), କଟକ ଜିଲା ନିଆଳି ଥାନା ନାଟି ଗ୍ରାମର ହରେକୃଷ୍ଣ ସ୍ୱାଇଁ (୩୧) ଓ ଆଠଗଡ଼ ଥାନା ଅରଖପାଟଣା ତଳସାହିର ବିବେକାନନ୍ଦ ନାୟକ (୨୮) ବୋଲି କେନ୍ଦ୍ରାଞ୍ଚଳ ଆଇଜି ପ୍ରକାଶ କରିଛନ୍ତି। ତେବେ ଏହି ଘଟଣାରେ ଉଭୟ ଆଠଗଡ଼ ଓ ଢେଙ୍କାନାଳ ପୋଲିସକୁ ପ୍ରଶଂସା କରିଛନ୍ତି ଡିଜିପି ଅଭୟ।

